ମୁକ୍ତିର ଉଲ୍ଲାସ



ଖୁସିରେ ପଢ଼ିବା ଅଭିଯାନ

ଭାରତ ଜ୍ଞାନ ବିଜ୍ଞାନ ସମିତି

Digitized by PPRACHIN, SOA

ମୁକ୍ତିର ଉଲ୍ଲାସ

ମୂଳ ହିନ୍ଦୀ ଲେଖା : ଭୀଷ୍ମ ସାହାଣୀ
ଓଡିଆ ଅନୁରଚନା : ବିନୟକୃଷ୍ଣ ପଟ୍ଟନାୟକ
ଅଙ୍କନ : ଅସିତ୍ ଦାସ
ପ୍ରକାଶକ : ଭାରତ ଜ୍ଞାନ ବିଜ୍ଞାନ ସମିତି,
ସି-୭, ହାଉସିଂ ବୋର୍ଡ୍ କଲୋନୀ,
ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩
ଫୋନ୍ : (୦୬୭୪) ୪୭୦୮୯୧

ଅଙ୍ଗସଜ୍ଜା : ଓରିକନ୍ କମ୍ପ୍ୟୁଟରସ୍, ଭୁବନେଶ୍ୱର ।
ମୁଦ୍ରଣ : ପଦ୍ମ କମର୍ସିଆଲ୍, ଭୁବନେଶ୍ୱର ।

ସହଯୋଗ ରାଶି : ତିନି ଟଙ୍କା ମାତ୍ର
ପ୍ରକାଶ କାଳ : ଜାନୁଆରୀ ପହିଲା, ୧୯୯୭

ଏହି ପୁସ୍ତିକାଟି **'ଖୁସିରେ ପଢିବା ଅଭିଯାନ'** (Jan Vachan Andolan) ପାଇଁ ପ୍ରସ୍ତୁତ କରାଯାଇଛି । ଓଡିଶାର ଗାଁ ଗହଳିରେ ଲୋକଙ୍କର ପଠନ ରୁଚିକୁ ତେଜିବା ସାଙ୍ଗକୁ ଏକ ପାଠାଗାର ଆନ୍ଦୋଳନ ଚାଳାଇବା ପାଇଁ ସମିତି ତରଫରୁ ଏହା ଏକ ଦେଶବ୍ୟାପୀ ଉଦ୍ୟମ ।

● **Return** ● Original Hindi - Bhisma Sahni ● Oriya Transcreation - Binaya Krushna Pattanayak. ● Published by B.G.V.S., Orissa for Jan Vachan Andolan ● Price - Rs. 3.00 ● Publication Period - Ist January 97.

Digitized by PPRACHIN, SOA

ବହିଟି କିଛି କହୁଛି ....

ସର୍କସ୍ ଦେଖିବାକୁ କାହାକୁ ଭଲ ନ ଲାଗେ ? କଉତୁକିଆ ଭାଲୁଟାଏ ଦୁଇଗୋଡରେ ଚାଲି, ଜିଭ କାଢ଼ି ନାଚେ । ନିଆଁର ଘେର ଭିତରୁ ବିରାଟ କାୟ ମହାବଳ ବାଘ ଏକା ଡିଆଁରେ ବାହାରି ଆସେ । ବାଘର ହାଣ୍ଡି ପରି ପାଟି ଭିତରେ ମଣିଷଟେ ମୁଣ୍ଡ ପୂରାଇ ରଖେ । ମାଙ୍କଡଟିଏ ରଙ୍ଗୀନ ଜାମା ପିନ୍ଧି ଧେଇ ଧେଇ ନାଚେ । ହାତୀଟା ଏତେ ବଡ ହୋଇ ବି ଦୁଇଗୋଡରେ ଠିଆ ହୁଏ । କୁକୁର ସାଇକେଲ ଚଲାଏ । .....

ଏସବୁ ଦେଖିଲା ଲୋକମାନେ ତାଳି ମାରନ୍ତି, ହସି ହସି ଗଡିଯାଆନ୍ତି । ଜୀବଜନ୍ତୁଙ୍କର କଉତୁକ ଦେଖିବାକୁ କେତେ ମଜା ଲାଗେ । କିନ୍ତୁ ଏହା ପଛର କାହାଣୀ ଆମେ କେବେ ଭାବିଛେ ? ସେମାନେ ବି ଆମ ପରି ଗୋଟିଏ ଗୋଟିଏ ଜୀବ । ତାଙ୍କର ବି ଆମ ପରି ରକତ, ମାଉଁସ ଓ ମନ ଅଛି । ସେମାନେ ବି ଆମ ପରି ସିନିହ, ଆଦର ଖୋଜନ୍ତି । ଆମ ପରି ତାଙ୍କୁ ବି କାଟେ । କିନ୍ତୁ ସର୍କସ ବାଲା ଏ ସବୁ ଭୁଲିଯାଏ । ଦି' ପଇସା ପାଇଁ ସେ ଚାବୁକ୍ ମାରି ମାରି ତାଙ୍କୁ ପଥର କରି ଦିଏ । ମଣିଷ ପରି ତାଙ୍କୁ ନାହିଁ ନ ଥିବା ଷ୍ଟଜବ କାଇଦା ଶିଖାଏ । କେତେ କଷ୍ଟ ଏ ସବୁ କାମ ! ତେଣେ ସବୁବେଳେ ଜନ୍ତା ଭିତରେ ବନ୍ଦୀ ! ପେଟ ପୂରା ଖାଇବାକୁ ନାହିଁ ! ଏଣେ ଅକଥନୀୟ ଯନ୍ତ୍ରଣା !

କିଏ ଶୁଣେ ଏମାନଙ୍କର ଛାତି ଫଟା ଚିତ୍କାର ଓ କାନ୍ଦ ? ତାଙ୍କ ଅସରା ଲୁହ ଓ କୋହକୁ କିଏ ବୁଝେ ? ତାଙ୍କ ମନର ଅସରା ଯନ୍ତ୍ରଣାକୁ କିଏ ଜାଣେ ?

. . . . ବେଳକୁ ବେଳ ଆମେ ପ୍ରକୃତି ଠାରୁ ଦୂରେଇ ଯାଉଛେ । ଜୀବଜନ୍ତୁମାନେ ପ୍ରକୃତିରେ ଏକ ଅଭିନ୍ନ ଅଙ୍ଗ । ଏହି କାହାଣୀଟି ଆମକୁ ପୁଣି ଏ କଥାଟି ମନେ ପକାଇ ଦେଉଛି । ପଶୁପକ୍ଷୀଙ୍କ ମାଧ୍ୟମରେ ଆମକୁ ପ୍ରକୃତି ପ୍ରତି ସମ୍ବେଦନଶୀଳ ହେବାକୁ ପ୍ରେରଣା ଦେଖାଉଛି । ଉଭୟ ପିଲା ଓ ବଡଙ୍କ ପାଇଁ ଏହା ଏକ ମନଛୁଆଁ କାହାଣୀ ଓ ଶିକ୍ଷା ।

Digitized by PPRACHIN, SOA

ଥରେ ଏମିତି ହେଲା ଯେ ସର୍କସର ସବୁ ଜୀବଜନ୍ତୁ ବିଗିଡି ଗଲେ । ସମସ୍ତଙ୍କର ଅଭିଯୋଗ ହେଲା - ସର୍କସର ତାଲିମଦାତା ତାଙ୍କୁ ବହୁତ ପିଟୁଛି । ସବୁବେଳେ ସେମାନଙ୍କ ପିଠିରେ ଠାଏ ଠାଏ ଚାବୁକ ମାଡ ବସୁଛି । ଭଲା . . ଏମିତି ମାରିବା କି ଦରକାର ? ପାଦଟା ଟିକିଏ ଏପଟ ସେପଟ ହୋଇଗଲେ ଦୁନିଆଟା କଣ ବିଗିଡି ଯାଉଛି ! କିନ୍ତୁ ନାହିଁ, ତାଲିମ ଦାତା ଚାହେଁ, ହାତୀ ଷ୍ଟୁଲଟି ଉପରେ ଠିଆ ହେବ ତ ଏକା ଥରକେ ଠିଆ ହୋଇଯିବ । ଆଉ ଠିଆ ହେଉ ହେଉ ହିଁ ଶୁଣ୍ଢ ଟେକି ଦର୍ଶକମାନଙ୍କୁ ସଲାମ କରିବ । ଏଣେ ଖାଇବାକୁ ପେଟପୂରା ମିଳିବ ନାହିଁ । ସମସ୍ତେ ଦୁର୍ବଳ ହୋଇଯାଉଥାନ୍ତି । ଜଙ୍ଗଲର ଜୀବ ପରିକା ଜିଇଁବାର କୌଣସି ବାଟ ହିଁ ନ ଥିଲା !

ବାଘ କହି ଚାଲିଲା, “ ତାଲିମଦାତା ଖେଳ ସମୟରେ ଦର୍ଶକଙ୍କ ସାମନାରେ ମତେ ଚାବୁକ୍‌ରେ ମାରି ପକାଏ । ଏଥିରେ ମୋର କେତେ ଅପମାନ..... ସେ କୁଆଡ଼େ ବୁଝିବ ? ଗୋଟିଏ ପଟେ ମୁଁ ଜଙ୍ଗଲର ରାଜା, ଏଣେ ଆରପଟେ ଗୋଟେ ଧେଡ଼ିଆ ତାଲିମଦାତା ଠାରୁ ଚାବୁକ୍ ମାଡ଼ ଖାଉଛି । ”

ଆହତ ବାଘ ରାଗରେ ଗରଗର ହେଉଥାଏ । ଦାନ୍ତ କଡ଼ମଡ଼ କରି ସେ କହିଲା, “ ଗୋଟେ ଥାପଡ୍ ଦେବି ଯେ, ତାର ସବୁ ଦାନ୍ତ ଗଳି ପଡ଼ିବ । କଳା କୋଟ୍ ଖଣ୍ଡେ ଗଳାଇ ଦେଇ ବହୁତ ଫୁଟାଣି ଦେଖାଉଛି । ଆଗ ଢ଼େର ମାଂସ ପିଞ୍ଜରା ଭିତରକୁ ପକାଯାଉଥିଲା । ଏବେ ତ ତା’ର ଅଧା ବି ଦେଉନାହାନ୍ତି । ଏଥିରେ ପୁଣି ଦିନ ନାହିଁ ରାତି ନାହିଁ, ମତେ ଟିକେ ଶାନ୍ତିରେ ଉଠେଇ ବସେଇ ଦେଉନାହାନ୍ତି । ଦିନ ସାରା ପିଞ୍ଜରା ଭିତରେ ଭୋକିଲା ପେଟରେ ପଡ଼ିରହିବି । ସ୍କୁଲ ପିଲା ପହଞ୍ଚିଗଲେ ମୋ ହାଲତ୍ ଖରାପ କରିଦିଅନ୍ତି । କିଏ ମୋ ଉପରକୁ ଗୋଡ଼ି ଫିଙ୍ଗେ ତ, କିଏ ମୋ ନାକ, ପାଟି ଭିତରେ ବାଡ଼ି ପୂରାଇ କେଞ୍ଚି ଦିଏ । କହିବେ - ବାଘ ନ ଥିଲେ ମିରିଗ ନାଟ । କିନ୍ତୁ ମତେ ଲାଗେ - ବନ୍ଧା ବାଘ ଉପରେ ମିରିଗ ନାଟ । ”

ଭାଲୁର ଅବସ୍ଥା ବି ଅନୁରୂପ । ସକେଇ ସକେଇ ସେ କହିଲା, “ ଏଠିକାର ଧୂଳି ମାଟି ବୋଳି ହୋଇ ମୋ ଅବସ୍ଥା ଦେଖ । କେତେ ବର୍ଷ ହେଲାଣି ଗାଧୋଇ ନାହିଁ । ସର୍କସ ଖେଳ ବେଳକୁ ମୋ ମୁଣ୍ଡରେ ଟୋପି ଆଉ ଗୋଡ଼ରେ ଘୁଙ୍ଗୁର ପିନ୍ଧାଇ ନଚାନ୍ତି । ତାଙ୍କ ଆଖିରେ ମୁଁ ଗୋଟିଏ ସୁନ୍ଦର କଣ୍ଢେଇ । ସେମାନେ ଭାବନ୍ତି ଯେ

Digitized by PPRACHIN, SOA

ଏମିତି ସଜାଇ ସେମାନେ ମତେ ସୁନ୍ଦର କରୁଛନ୍ତି । ଆରେ, ସୁନ୍ଦର କରିବାକୁ ଚାହୁଁଛ ତ, ମତେ ଗାଧୋଇଦିଅ, ବାଳ କୁଣ୍ଡାଇଦିଅ, ଭଲରେ ଖାଇବାକୁ ଦିଅ । ଦିନରେ ତିନି ତିନି ଥର ନଚାଉଛ । ନ ନାଚିଲେ ବସିବ ଲାଠି ପାହାର । ମୋ ଦାନ୍ତ ଭାଙ୍ଗିଗଲାଣି । ଦିନ ରାତି ସବୁବେଳେ ଆଖିରୁ ଲେଞ୍ଜରା ବହୁଛି ..,... "

ସବୁ ପଶୁପକ୍ଷୀ ତ ଯନ୍ତ୍ରଣାରେ ସଢ଼ୁଥିଲେ । ଜଣ ଜଣ ହୋଇ ସମସ୍ତେ ନିଜ ଦରଦଭରା କାହାଣୀ ଶୁଣାଇଲେ । ଶେଷରେ ସମସ୍ତେ ଠିକ୍ କଲେ, ଏଠାରେ ଆଉ ଅଧିକା ଦିନଟିଏ ବି ରହିବା ଉଚିତ୍ ନୁହେଁ ।

" କିନ୍ତୁ କୁଆଡ଼େ ଯିବା ?" ହାତୀ ଶୁଣ୍ଢ ଟେକି ପଚାରିଲା । ହାତୀ ସେମାନଙ୍କ ଭିତରେ କେବଳ ଆକାରରେ ବଡ଼ ନ ଥିଲା; ତା'ର ଅନୁଭୂତି ଓ ଅଭିଜ୍ଞତା ବି ଅଧିକ ଥିଲା ।

" ଜଙ୍ଗଲକୁ ଫେରିଯିବା ।" ସମସ୍ତେ ଏକ ସ୍ୱରରେ କହିଲେ, " ଜଙ୍ଗଲ ହିଁ ଆମ ଘର, ଆମେ ସମସ୍ତେ ସେଠାକୁ ହିଁ ଫେରିଯିବା । "

ଏହା ଶୁଣି ହାତୀ ଜଣ ଜଣ କରି ସଭିଙ୍କ ମୁହଁକୁ ଚାହିଁଲା । ଗଧକୁ ଦେଖି ତା' ଆଖି ଅଟକିଗଲା ।

" କ'ଣ ତୁମେ ବି ଜଙ୍ଗଲକୁ ଯିବାକୁ ଚାହୁଁଛ ?" ହାତୀ ଗଧକୁ ପଚାରିଲା, " ଜଙ୍ଗଲକୁ ଯାଇ ତୁମେ କ'ଣ କରିବ ? ତୁମେ ତ ସହରିଆ ପଶୁ ହୋଇସାରିଛ ।"

" ସହରରେ ରହୁଛି ସତ । କିନ୍ତୁ ଆମ ପୂର୍ବ ବଂଶଧରମାନେ ତ ଜଙ୍ଗଲରେ ହିଁ ରହୁଥିଲେ ।" ଗଧ କହିଲା ।

" ଜଙ୍ଗଲରେ ଗଧ କେବେ ରହୁଥିଲେ ? ମୁଁ ତ ଜଙ୍ଗଲରେ କେବେ କେଉଁଠି ଗଧଟିଏ ଦେଖିନାହିଁ ।" ଏହା ଶୁଣି ଗଧକୁ ଭାଲୁ କହିଲା, " ଆମକୁ ତ ଜଙ୍ଗଲରୁ ଧରି ଅଣାଯାଇଥିଲା । କିନ୍ତୁ ତୁମକୁ ସର୍କସବାଲା ତ ଜଙ୍ଗଲରୁ ଧରି ଆଣି ନ ଥିବେ । "

Digitized by PPRACHIN, SOA

" ଏଥିରେ କ'ଣ ଅଛି ? କିନ୍ତୁ ଆମ ପୂର୍ବଜମାନେ ତ ଜଙ୍ଗଲରେ ହିଁ ରହୁଥିଲେ । " ଗଧ କହିଲା ।

" ତୁମକୁ କେଉଁଠୁ ଧରାଯାଇଥିଲା ? ସର୍କସକୁ ଆସିବା ଆଗରୁ ତୁମେ କେଉଁଠାରେ ରହୁଥିଲ ?" ହାତୀ ପଚାରିଲା ।

" ମୁଁ ତ ଜଣେ ଧୋବା ପାଖରେ ଥିଲି ।" ଗଧ ମୁଣ୍ଡ ଟେକି କହିଲା ।

" ସେଠାରେ କି କାମ କରୁଥିଲ ?" ହାତୀ ପଚାରିଲା ।

" ଧୋବାର ଲୁଗା ଗଣ୍ଠିଲିକୁ ବୋହି ନଈକୁ ଯାଉଥିଲି ।"

" ଆଉ କ'ଣ କାମ କରୁଥିଲ ?"

" ଆଉ କ'ଣ କରିବି ? ପଡ଼ିଆରେ ବୁଲି ବୁଲି ଘାସ ଚରୁଥିଲି ଓ ମନ ଖୁସି ଥିଲେ ବୋବାଳି ଛାଡୁଥିଲି ।"

ଏହା ଶୁଣି ସବୁ ପଶୁପକ୍ଷୀ ହସିବାରେ ଲାଗିଲେ । ଗଧ ପାଖରେ ବଗୁଲିଆ ମାଙ୍କଡ଼ଟିଏ ବସିଥାଏ । ସେ କହିଲା, " ଗଧଭାଇ, ଏଠାରେ ବୋବାଳି ଛାଡ଼ ତ । ଆମେ ବି ଟିକିଏ ଶୁଣିବୁ ।"

" ଖୁସି ଥିଲା ବେଳେ ସିନା ବୋବାଳି । ଏଇଠି ତ ମୋ ମନ ପୂରାପୂରି ଉଦାସ ।" କିନ୍ତୁ ଅନ୍ୟ ପଶୁପକ୍ଷୀ କି ତାକୁ ଛାଡ଼ନ୍ତି ? ଜଣ ଜଣ ହୋଇ ସମସ୍ତେ ତାକୁ କଥା ମାଧ୍ୟମରେ ଉଲୁସାଇ ପକାଇଲେ । ସମସ୍ତଙ୍କ ଅନୁରୋଧରେ ଖୁସି ହୋଇ ସେ ବୋବାଳି ଛାଡ଼ିଲା । ମୁହଁ ଉପରକୁ ଟେକି ଚାପା ଗଳାରେ 'ଉଁ..ହା', 'ଉଁ...ହା', 'ଉଁ...ହା', କରିବାରେ ଲାଗିଲା । ପଶୁପକ୍ଷୀ ସମସ୍ତେ ହସି ହସି ବେଦମ୍ ହୋଇଗଲେ ।

ସେମାନଙ୍କ ହସ ଦେଖି ଗଧ ଖୁସିରେ ଉଛୁଳି ପଡ଼ିଲା । ହସ ଥମିବା ପରେ କହିଲା, " ମୋ ବୋବାଳି ତ ତୁମମାନଙ୍କ ହସ ଠାରୁ ବି ଲମ୍ବା । ମୁଁ ଖୁସି ହୋଇଗଲେ

Digitized by PPRACHIN, SOA



ସାତଥର 'ଉଁ...ହା', ଉଁ...ହା' କରେ । ଏବେ ତ ମାତ୍ର ତିନିଥର କରିଛି ।"
ହାତୀ ଗମ୍ଭୀର ହୋଇ କହିଲା, " ତୁମେ ଧୋବା ପାଖକୁ ଫେରିଯିବା ହିଁ ଉଚିତ ହେବ । ଜଙ୍ଗଲରେ ତୁମେ କି କାମ ଅବା କରିପାରିବ ? ଜଙ୍ଗଲରେ କୌଣସି-ଜୀବ ବି ଗଣ୍ଡିଲି ଉଠାନ୍ତି ନାହିଁ ।"

" ନାହିଁ ଭାଇ । ମୁଁ ଜଙ୍ଗଲରେ ତୁମମାନଙ୍କ ସହିତ ରହିବି । ମନ ହେଲେ ବୋବାଳି ଛାଡ଼ିବି । ମନ ହେଲେ ଗୋଇଠା ମାରିବି । "

" କିନ୍ତୁ ସେଠାରେ ତ ତୁମର ସାଙ୍ଗସାଥି ବୋଲି କେହି ନ ଥିବେ । ତୁମେ କ'ଣ ଏକା ଏକା ବୁଲିବ ?"

Digitized by PPRACHIN, SOA

ଗଧ ପାଖରେ କୁକୁରଟାଏ ଜିଭ ବାହାର କରି ଠିଆ ହୋଇଥାଏ । ହାତୀ କୁକୁରକୁ ବି ଏକା ପ୍ରଶ୍ନଟି ପଚାରିଲା, " ତୁମର ବଂଶଧର ବି ତ କେହି ଜଙ୍ଗଲରେ ରହୁ ନ ଥିଲେ । ତୁମେ ଜଙ୍ଗଲରେ କ'ଣ କରିବ ?"

କୁକୁର କେତେବେଳେ ୟା' ମୁହଁକୁ ତ କେତେବେଳେ ତା' ମୁହଁକୁ ଚାହୁଁଥାଏ । ସେ ଏହା ବି ଭୁଲି ସାରିଥିଲା ଯେ, ତା'ର ବଂଶଧର କେବେ ଜଙ୍ଗଲରେ ଥିଲେ ନା ନାହିଁ ।

" ସର୍କସ ବାଲାଏ ତୁମକୁ କେଉଁଠୁ ଆଣିଥିଲେ ?"

ଏହା ଶୁଣି ଗଧ ଥଙ୍ଗାରେ କହିଲା, " କେଉଁଠୁ ଆଉ ଆଣିଥିବେ ଭାଇ ? କେଉଁ ମିଠେଇ ଦୋକାନ କଡ଼ରୁ ତାକୁ ଉଠାଇ ଆଣିଥିବେ ।"

ମାଙ୍କଡ଼ ପାଖରେ ମାଙ୍କିଡ଼ି ବସିଥିଲା । ଏବେ ବି ସେ ସର୍କସ୍‌ରେ ଜାମାଟି ପିନ୍ଧିଥାଏ । ସେ ବୋହୂ ବେଶ ସାଜିଥାଏ । ଶାଗୁଆ ରଙ୍ଗର ଘାଘରା ଓ ଗୋଲାପୀ ରଙ୍ଗର ଓଢ଼ଣି । ଆଖିରେ କଜଳ ଆଉ ମୁହଁରେ ଅଳତା ଲାଗିଥାଏ । ଓଢ଼ଣି ଭିତରୁ ରଙ୍ଗବୋଳା ମୁହଁଟି ଦେଖାଇ ଫୁଲେଇ ହୋଇ କହିଲା," କୁକୁରକୁ କିଏ ନବଲୋ ମା' ? ତା' ଦେହଟା ତ ଗନ୍ଧାଉଛି !"

ପୁଣି ମୁହଁକୁ ଅଳ୍ପ ଦେଖାଇ କହିଲା, " ଏଠାରେ ସର୍କସରେ ସବୁ ଦିନ ମତେ କୁକୁର ପିଠିରେ ବସାଯାଉଥିଲା । କିନ୍ତୁ ତା' ଗନ୍ଧରେ ମୋର ନାକ ଫାଟି ଯାଉଥିଲା ।"

ଏହା ଶୁଣି କୁକୁର ଚିହିଁକି ଉଠିଲା, " ତୁ କେବେଠୁ ଜଙ୍ଗଲୀ ହୋଇଗଲୁଣି ଲୋ ମାଙ୍କିଡ଼ି ? ତୁ ବି ତ ସହରରେ ଲୁଚି ଲୁଚି ଖାଦ୍ୟ ଖୋଜୁଥିଲୁ ।"

ଏଥର ମାଙ୍କିଡ଼ି କହିଲା, " କାହିଁକି ମ ? ମୋର ଜାତି ବନ୍ଧୁ ସମସ୍ତେ ତ ଜଙ୍ଗଲରେ ରହୁଛନ୍ତି । ମତେ ବି ତ ଜଙ୍ଗଲରୁ ହିଁ ଧରି ଅଣାଯାଇଥିଲା ।"

ଏହା ଶୁଣି ହାତୀ ଗମ୍ଭୀର ହୋଇ କୁକୁରକୁ କହିଲା, " ତୁମେ ଜଙ୍ଗଲରେ କ'ଣ କରିବ ?"

Digitized by PPRACHIN, SOA

ଏହା ଶୁଣି କୁକୁର ବଡ଼ ପାଟିରେ କହିଲା, " ସେଠାରେ ମୁଁ ଆପଣଙ୍କ ଜଗୁଆଳୀ ହେବି । ଯାହାକୁ ଦେଖାଇ କହିବେ ମୁଁ ଭୁକିବି, ଝପଟିଯିବି । ଯାହାକୁ କହିବେ କାଟି ଖାଇଯିବି ... ନଚେତ୍ ଆପଣଙ୍କ ପାଖରେ ପହଞ୍ଚାଇ ଦେବି ।"

" ଏହି ସବୁ କାମ ମଣିଷ ପାଇଁ ସିନା ଦରକାର, ଆମ୍ ପଶୁମାନଙ୍କ ପାଇଁ କ'ଣ ଦରକାର ? ଯେଉଁଠି ଦରକାର ଥିବ, ଆମେ ତ ନିଜେ ଝପଟି ଯାଇପାରିବୁ । ତୁମେ ଏଠାରେ ରୁହ ।"

ଭାଲୁ ଯଥେଷ୍ଟ ସଦିଚ୍ଛା ସହ କୁକୁରକୁ ବୁଝାଇବାରେ ଲାଗିଲା, " ମୋ ମତରେ ତୁମେ ଚିଡ଼ିଆଖାନାକୁ ଚାଲିଯାଅ । ସେଠାରେ ତୁମକୁ ଭଲ ଖାଇବାକୁ ମିଳିବ । କୌଣସି ଅଭାବ ଅସୁବିଧା ନାହିଁ । ତାଲିମବାଲାର ଚାବୁକମାଡ଼ ବି ଖାଇବାକୁ ପଡ଼ିବ ନାହିଁ ।"

ଏହା ଶୁଣି ମାଙ୍କିଡ଼ି ଓଢ଼ଣି ଭିତରୁ ହିଁ ଖିଲି ଖିଲି ହୋଇ ହସିବାରେ ଲାଗିଲା, " ଆରେ କୁକୁରକୁ ଚିଡ଼ିଆଖାନାରେ କିଏ ରଖିବ ? ଲୋକ କ'ଣ କୁକୁର ଦେଖିନାହାନ୍ତି ଯେ, ଚିଡ଼ିଆଖାନା ଯିବେ କୁକୁର ଦେଖିବା ପାଇଁ ।"

ଏହା ଶୁଣି ହାତୀ ପୁଣି ଗମ୍ଭୀର ହୋଇ ମୁଣ୍ଡ ହଲାଇଲା । ସେ କୁକୁରକୁ କହିଲା, " ଜଣେ ମାଲିକ ବିନା ତୁମେ ରହିପାରିବ ନାହିଁ । ତୁମେ ଏଠାକାର କୌଣସି ମଣିଷ ଘରକୁ ଚାଲିଯାଅ । ଆରାମରେ ରହିବ । ସିଏ ତୁମକୁ ଖାଇବାକୁ ଦେବ ଓ ତୁମକୁ କାମ ଶିଖାଇଦେବ ।"

ହାତୀ ଏକଥା କହିଦେଲା ସତ; କିନ୍ତୁ ସେ ଭାବିଲା ଯେ, ଏହି କଥାଟି କୁକୁରକୁ ନିଶ୍ଚୟ ବାଧିଥିବ । କିନ୍ତୁ ବାସ୍ତବରେ କୁକୁର ନିରାଶ ହୋଇ ନ ଥିଲା । ସେ ଏକଥା ଶୁଣି ହସିଲା ।

" ଆପଣ ଯଦି କହୁଛନ୍ତି ତେବେ ଠିକ୍ ଅଛି, " କୁକୁର ମନକଥା କହିଲା, "ମୋ ପରି ବିରଳ ଜୀବ ବହୁତ କମ୍ ଅଛନ୍ତି । ଆମେ ନା ପଶୁ ହୋଇପାରିଛୁ ନା ମଣିଷ । ଆପଣଙ୍କର ମୋ ପ୍ରତି ଦୟା ହିଁ ରହିଥାଉ । ମୁଁ ସେତିକି ହିଁ ଚାହେଁ ।"ଲାଙ୍ଗୁଡ ହଲାଇ ହଲାଇ ସେ ସେଠାରୁ ଚାଲିଗଲା ।

Digitized by PPRACHIN, SOA

କୁକୁରର କାମ ସରିଯିବା ପରେ ହାତୀ ପୁଣି ଗଧ କଥା ବିଚାର କଲା । ଗଧର ଗୋଟିଏ କାନ ହିଁ ହଲୁଥାଏ । କିନ୍ତୁ ଆରଟି ପୂରା ସ୍ଥିର ରହିଥାଏ । ଛୋଟିଆ ଲାଙ୍ଗୁଡ଼ଟି ଏଣେ ତେଣେ ହଲୁଥାଏ ।

" ଦେଖ ଗଧ ଭାଇ, ଆମେ ଭାବୁଛୁ, ତୁମେ ଜଙ୍ଗଲକୁ ଯିବା ଉଚିତ ହେବ ନାହିଁ । ତୁମେ ସେଠାରେ କାହା ସାଥିରେ ରହିବ ? କ'ଣ କରିବ ?"

ଗଧର କାନ ଠିଆ ହୋଇଗଲା । ସେ ମୁଣ୍ଡ ଟେକି କହିଲା, " ନିଜେ ନିଜର ତାରିଫ କରିବା ତ କାହାକୁ ଶୋଭା ଦିଏ ନାହିଁ । କିନ୍ତୁ ଭାଇମାନେ ମୁଁ ଯେତିକି ବୋଝ ବୋହିପାରିବି, ଆଉ କେହି ବି ସେତିକି ଓଜନ ଉଠାଇ ପାରିବେ ନାହିଁ ।"

" ଜଙ୍ଗଲରେ ତୁମକୁ କ'ଣ ବା ବୋହିବାକୁ ମିଳିବ ? ଜଙ୍ଗଲରେ କୌଣସି ପଶୁ ବୋଝ ବୁହେ ନାହିଁ ।"

ଏହା ଶୁଣି ଗଧ କହିଲା, " ମୁଁ ଜଙ୍ଗଲରେ ହୋବାଳି ଛାଡ଼ିପାରିବି । ଜଙ୍ଗଲରେ ଯେଉଁ ପଶୁ ଭାଇ ଭଉଣୀମାନେ ବଡ଼ି ସକାଳୁ ଉଠିବାକୁ ଚାହିଁବେ, ସେମାନେ ମୋ ରଡ଼ି ଶୁଣି ଉଠିପାରିବେ । ମୁଁ ଧୋବା ପାଖରେ ଥିଲାବେଳେ ସାହିଯାକର ଲୋକ ମୋ ରଡ଼ି ଶୁଣି ଉଠି ପଡୁଥିଲେ ।" ଗଧ ପୁଣି ଉତ୍ସାହରେ କହିଲା, " ମୁଁ ଆପଣମାନଙ୍କୁ ଗୋଇଠା ମାରିବା ଶିଖାଇ ପାରିବି ।" ଠିଆ ଠିଆ ଗଧ ପଛ ଗୋଡ଼ରେ ଗୋଇଠାଟିଏ ପକାଇଲା । ତା' ପାଖରେ ମାଙ୍କଡ଼ି ବସିଥିଲା । ସେ ଝଟକିନା ଡେଇଁ ପଡ଼ି ଭାଲୁ ପିଠିରେ ବସିଗଲା ।

" ଏହା ମାନେ ?" ହାତୀ କହିଲା, " ତୁମ ସାଙ୍ଗରେ କେହି ଲଢ଼ିଲେ ତୁମେ ସାମନାରୁ ଲଢ଼େଇ କର ନାହିଁ ? ପଛରୁ ଗୋଇଠା ମାର ? ଏହା ତୁମେ କାହାଠୁଁ ଶିଖିଲ ?"

" ସହରରେ ହିଁ ତ ଶିଖିଥିଲି । କିନ୍ତୁ କିଏ ଜାଣେ, ମୋର ପୂର୍ବ ବଂଶଧରମାନେ ବି ଜଙ୍ଗଲରେ ଗୋଇଠା ମାରୁ ଥାଇପାରନ୍ତି ।" ଗଧ କହିଲା ।

Digitized by PPRACHIN, SOA

ହାତୀ ପୁଣି ମୁଣ୍ଡ ହଲାଇଲା । ସେ ଠିକ୍ କରି ପାରୁ ନ ଥିଲା, ଗଧକୁ ଜଙ୍ଗଲକୁ ନେବା ଠିକ୍ ହେବ ନା ନାହିଁ ? ଏଥିରେ ଗଧ ଚିଡ଼ିଗଲା, " ତୁମେ ମତେ ଜଙ୍ଗଲକୁ ନ ନେଲେ ମୁଁ ଯିବି କୁଆଡ଼େ ? ଏବେ ତ ମଣିଷମାନେ ବି ଗଧଙ୍କୁ ଆଉ ରଖୁନାହାନ୍ତି । ସେମାନେ ଏବେ ଆଉ ଗଧ ପିଠିରେ ସାମାନ ଲଦି ବୋହୁନାହାନ୍ତି । ଏବେ ଧୋବାଙ୍କ ପାଖରେ ଆଉ ଗଧ ରହୁନାହାନ୍ତି । ଆମେ ଏବେ ନା ଏଇଠି ରହିପାରିବୁ ନା ଜଙ୍ଗଲକୁ ଯାଇପାରିବୁ ।"

ଏହା ଶୁଣି ଗଧ ପ୍ରତି ଭାଲୁର ଦୟା ଆସିଗଲା । ଗଧ ପାଇଁ ଓକିଲାତି କରି ସେ କହିଲା, " ତାକୁ ନେଇ ଚାଲ, ନେଇ ଚାଲ । କିଏ ଜାଣେ ତାକୁ ହୁଏତ ଜଙ୍ଗଲରେ ତା'ର କିଏ ଜାତିଭାଇ ମିଳିଯାଇପାରନ୍ତି । ନ ମିଳିଲେ ବି ଆମର କିଛି ଅସୁବିଧା ହେବ ନାହିଁ । ସେ ଅଲଗା ଭାବେ କେଉଁଠି ଠିଆ ହୋଇ ଘାସ ଚରିବ ।"

ଭାଲୁ ପିଠିରେ ମାଙ୍କଡ଼ି ବସିଥାଏ । ସେ ବି କହିଲା, " ନେଇ ଚାଲ, ନେଇଚାଲ । କିଛି ନ ହେଲେ, ଇଚ୍ଛା ହେଲେ ମୁଁ ଗଧ ପିଠିରେ ବସି ବୁଲିପାରିବି ।"

Digitized by PPRACHIN, SOA

ଗଧର ମାମଲା ତୁଟିଗଲା । ଏଥର ସବୁ ପଶୁ ଗମ୍ଭୀର ଭାବେ ଭାବିବାରେ ଲାଗିଲେ - ସର୍କସରୁ ପଳାଇଯାଇ ସେମାନେ ଜଙ୍ଗଲରେ କିପରି ପହଞ୍ଚିବେ !''

'' କାହିଁକି ଏଥିରେ ଅସୁବିଧାଟା କେଉଁଠି ? ମାଙ୍କଡ଼ି ସାଙ୍ଗେ ସାଙ୍ଗେ କହିଲା, '' ମୁଁ ଏବେ ଡ଼େଇଁ କରି ଗଛ ଉପରେ ଚଢ଼ିଯାଉଛି । ସର୍କସବାଲା ମୋର ଅବା କ'ଣଟା କରିଦେବ ?''

ହାତୀ ମାଙ୍କଡ଼ି ଉପରେ ଚିଡ଼ିଗଲା । ସେ କହିଲା, '' ଆଲୋ ତୁ ସିନା ଯାଇ ଗଛ ଉପରେ ଚଢ଼ି ଯାଇପାରୁଛୁ, ଆମେ ସବୁ କୁଆଡ଼େ ଯିବୁ ? ବାଘ ଯଦି ସର୍କସ ଛାଡ଼ିଦିଏ ସେ ଯିବ କୁଆଡ଼େ ? ସେ କ'ଣ ସହରର ରାସ୍ତାରେ ଚାଲିପାରିବ ? ମୁଁ ବି କ'ଣ ସେପରି ଯାଇପାରିବି ? ଏହି ଲୋକମାନେ କ'ଣ ଆମକୁ ଯିବାକୁ ଛାଡ଼ିଦେବେ ?''

ପଶୁମାନଙ୍କ ଭିତରେ ହାତୀ ସବୁଠୁ ବେଶୀ ବୁଦ୍ଧିମାନ ଥିଲା । ତା'ର ପ୍ରତିଟି କଥାକୁ ସବୁ ପଶୁ ମନ ଦେଇ ଶୁଣୁଥିଲେ ।

'' ତୁମେ କୁହ, କ'ଣ କରିବା ?'' ସମସ୍ତେ ଆଗ୍ରହର ସହ ପଚାରିଲେ ।

'' ଗୋଟିଏ ମାତ୍ର ବାଟ ଅଛି '' ହାତୀ ବାବା କହିଲା, '' ଖୁବ୍ ଜଲ୍‌ଦି ଏହି ସହରରେ ଆମ ସର୍କସ ଖେଳ ସରିଯିବ । ତା' ପରେ ଆମେ ଆଉ ଗୋଟିଏ ସହରକୁ ଯିବା । ବାଟରେ ନିଶ୍ଚୟ ଜଙ୍ଗଲଟିଏ ପଡ଼ିବ । ଆମେ ସେହି ସୁଯୋଗଟିକୁ ଅପେକ୍ଷା କରିବା । ଆମ ଦଳଟି ଜଙ୍ଗଲ ପାର ହେଉଥିଲା ବେଳେ ଆମେ ସମସ୍ତେ ଜଙ୍ଗଲକୁ ଦଉଡ଼ି ପଳାଇବା ।''

'' କିନ୍ତୁ ଆମର ପଞ୍ଜୁରୀଗୁଡ଼ିକ ତ ବନ୍ଦ ଥିବ । ଆମେ ଏଥିରୁ କେମିତି ବାହାରିବା ? '' ବାଘ ପଚାରିଲା ।

''ଦେଖାଯାଉ କ'ଣ ହେଉଛି । କେବେ ନା କେବେ ତ ମଉକାଟିଏ ମିଳିଯିବ ନା ।''

Digitized by PPRACHIN, SOA

ଏତିକିରେ ସଭା ସରିଲା । ପଶୁମାନେ ସର୍କସର ତମ୍ବୁ ଭିତରକୁ ଚାଲିଗଲେ । ସତକୁ ସତ କିଛି ଦିନ ପରେ ସେଠାରୁ ପଳାଇଯିବା ପାଇଁ ତାଙ୍କୁ ସୁଯୋଗଟିଏ ମିଳିଗଲା ।

ଏହି ସହରରେ ସର୍କସ ଖେଳ ସରିଲା । ଏଥର 'ଓଡିଶା ସର୍କସ'ର ସାମାନ ବନ୍ଧା ବନ୍ଧି ଚାଲିଲା । ସେମାନେ ଆଉ ଏକ ନୂଆ ସହରକୁ ଯିବେ । ସବୁ ଜିନିଷ ଓ ଯନ୍ତାଗୁଡ଼ିକୁ ଏକାଠି କରି ସେମାନେ ବାହାରିଲେ । ସର୍କସ ଦଳଟି ସହର ଛାଡ଼ିଲା । ଗୋଟିଏ ସରୁ ବାଟ ଟପି ସେମାନେ ଏକ ବିରାଟକାୟ ଖୋଲା ପଡ଼ିଆ ଦେଇ ଚାଲିଲେ । ପଶୁମାନେ ନିଜ ନିଜ ପିଞ୍ଜରା ଭିତରେ ବନ୍ଦ ଥାଆନ୍ତି । ଡ଼ିମା ଡ଼ିମା ଆଖି କରି ସେମାନେ ପିଞ୍ଜରା ଜାଲି ଫାଙ୍କରେ ଅନାଇଥାନ୍ତି - କେତେବେଳେ ଜଙ୍ଗଲ ଆସିବ ।

ତୃତୀୟ ଦିନ ସଞ୍ଜ ବେଳକୁ ସର୍କସ ଦଳଟି ସତକୁ ସତ ଏକ ଜଙ୍ଗଲ ପାଖରେ ପହଞ୍ଚିଲା । ଜଙ୍ଗଲଆଡୁ ଗଛଲତାଙ୍କ ମହକଭରା ପବନ ବହି ଆସୁଥାଏ । ଅନେକ ଦିନ ପରେ ଜଙ୍ଗଲୀ ପଶୁଗୁଡ଼ିକ ଏ ସୁଯୋଗ ପାଇଥାନ୍ତି । ଜଙ୍ଗଲର ଖୋଲା ଓ ସଫା ପବନ ତାଙ୍କ ନାକରେ ବାଜୁଥାଏ । ସଫା ଆକାଶରେ ଜହ୍ନଟା ଖିଲିଖିଲି ହୋଇ ହସୁଥାଏ । ଜଙ୍ଗଲର ପବନଟା ବେଳକୁ ବେଳ ଅଧିକ ଥଣ୍ଡା ମନେ ହେଉଥାଏ । ଦଳଟି ଜଙ୍ଗଲ ପାଖରେ ପହଞ୍ଚିଗଲା ।

ହଠାତ୍ ହାତୀ ଖୁବ୍ ଜୋରରେ ଗର୍ଜନ କରିବାରେ ଲାଗିଲା । ତା' ପାଟି ଶୁଣି ବାଘ ବି ଜୋରରେ ଗର୍ଜନ କଲା । ବାଘ ସାଙ୍ଗରେ ସର୍କସର ସବୁ ପଶୁ ଉଚ୍ଚ ସ୍ୱରରେ ଚିତ୍କାର କରିବାରେ ଲାଗିଲେ ।

ସମସ୍ତଙ୍କର ଏପରି ତଣ୍ଟିଫଟା ଚିତ୍କାର ଶୁଣି ସର୍କସ ମାଲିକ ଚମକି ପଡ଼ିଲା । ସେ ତାଙ୍କ ଦଳର ଲୋକଙ୍କୁ ଡ଼ାକି ପଚାରିଲା, " କ'ଣ ହୋଇଛି, ଜନ୍ତୁଗୁଡ଼ିକ କାହିଁକି ଏମିତି ଚିତ୍କାର କରୁଛନ୍ତି ?"

" ପଶୁମାନେ ଖୁସି ହୋଇ ଏପରି ରଡ଼ି ଯାଉଛନ୍ତି, ସାହେବ । ଅନେକ ଦିନ ପରେ ତାଜା ପବନ ଖାଇବାର ମଉକା ପାଇଛନ୍ତି ତ ।"

Digitized by PPRACHIN, SOA

କିନ୍ତୁ ଏ କଥାରେ ମାଲିକର ମନ ବୁଝିଲା ନାହିଁ ।

" ଏହି ରଡ଼ି ଖୁସିର ରଡ଼ି ପରି ଜମା ଲାଗୁନାହିଁ । ଆଉ କିଛି କାରଣ ଥାଇପାରେ । ସେମାନଙ୍କ ରଡ଼ିରେ ମୁଁ ଆଉ କିଛି ଆଭାସ ଶୁଣିପାରୁଛି ।"

ସହାୟକମାନେ କାନକୁ ପାତି ଏହାର ଅର୍ଥ ବୁଝିବାକୁ ଚେଷ୍ଟା କଲେ । ଏମାନେ ଆଜି ହଠାତ୍ କାହିଁକି ଏମିତି ଗର୍ଜନ ତର୍ଜନ ଆରମ୍ଭ କରିଦେଇଛନ୍ତି ? ଭଲରେ ଶୁଣିବାରୁ ସେମାନେ ଜାଣିପାରିଲେ ଯେ, ଆଜି ସେମାନଙ୍କ ସ୍ୱର ଅଲଟ' ଜଣାପଡୁଛି ।

" ଏମିତି ବି ହୋଇପାରେ ଯେ, ଲମ୍ବା ଯାତ୍ରା ଯୋଗୁଁ ପଶୁମାନେ ଥକି ଯାଇଛନ୍ତି । ତିନି ଦିନ ହେଲା ଆବୁଡ଼ା ଖାବୁଡ଼ା ରାସ୍ତାରେ ଛେଚି କଚି ହେଉଛନ୍ତି । ତେଣୁ ବିରକ୍ତ ହୋଇଗଲେଣି ।" ମାଲିକ କହିଲା । ନିଜ ସହାୟକମାନଙ୍କୁ ସେ ଆଦେଶ ଦେଲା, " କିଛି ସମୟ ଏଠାରେ ଅଟକିଯିବା । ଏଠାରେ ପଡ଼ିଆଟି ବଡ଼ ।

Digitized by PPRACHIN, SOA

ପାଖରେ ନଈ ବି ଅଛି । ତାଙ୍କୁ କିଛି ସମୟ ପାଇଁ ଛାଡ଼ିଦିଅ । ସେମାନେ କିଛି ସମୟ ଆରାମ କରିବେ । ଡ଼େଇଁ କୁଦି ହାଲୁକା ହେବେ । ଖିଆପିଆ ବି କରିନେବେ । ସେମାନଙ୍କ ଖେଳ ଦେଖାଇ ତ ଆମେ ପେଟ ପୋଷୁଛେ । ସେମାନେ ଖୁସି ରହିବା ଜରୁରୀ ।''

ସମସ୍ତେ ଅଟକିଗଲେ । ତାଲିମଦାତା ଓ ତା' ସାଥିମାନେ ପିଞ୍ଜରା ଦୁଆର ସବୁ ଖୋଲିଦେଲେ । ପାଖରେ ହିଁ ନଈଟିର ପାଣି ଝିଲ୍‌ମିଲ୍ କରୁଥାଏ । ସର୍କସର କିଛି ଲୋକ ସେମାନଙ୍କୁ ପାଣି ପିଆଇବା ପାଇଁ ନଈ ପାଖକୁ ଅଣ୍ଡାଇନେଲେ । କେତେକ ପଶୁ ତ ବାହାରୁ ବାହାରୁ ହିଁ ଡ଼ିଆଁକୁଦା ଆରମ୍ଭ କରିଦେଲେ । ସିଧା ନଈଆଡ଼କୁ ଦଉଡ଼ିଗଲେ । ଆଗ ପେଟେ ପେଟେ ପାଣି ପିଇଗଲେ । କେତେକ ପଶୁ ପାଣିରେ ପଶିଲେ । ଭାଲୁ ତ ପିଠି ଯାଏଁ ପାଣିରେ ବୁଡ଼ି ରହିଥାଏ । ତା'ର ମୁଣ୍ଡଟି ହିଁ ଦେଖାଯାଉଥାଏ ।

'' ମୁଁ ଠିକ୍ କଥା କହିଥିଲି,'' ସର୍କସ ମାଲିକ ମୁଣ୍ଡ ହଲାଇ କହିଲା, ''ଜନ୍ତୁମାନେ ଥକି ଯାଇଛନ୍ତି । ପିଞ୍ଜରାରେ ପଡ଼ି ପଡ଼ି ବିରକ୍ତ ହୋଇଯାଇଥିଲେ ।''

ପଶୁମାନେ ବେଶ୍ ସମୟ ଯାଏଁ ମଉଜ କଲେ । ଜହ୍ନ ରାତିଟା ହସଖୁସି ପାଇଁ ବେଶ୍ ଆରାମ ଲାଗୁଥାଏ । ପିଞ୍ଜରାକୁ ଫେରିବାର ବେଳ ହୋଇଗଲା । କିନ୍ତୁ ଗୋଟିଏ ବି ପଶୁ ନିଜ ଜାଗାରୁ ଚଳୁ ନ ଥାନ୍ତି । ତାଲିମଦାତା ଚାବୁକ ଧରି ମାଡ଼ି ଆସିଲା । ଭାଲୁ ତ ଦାନ୍ତ ଦେଖାଇ ତା' ଉପରକୁ କୁଦିପଡ଼ିଲା ।

ତାଲିମଦାତା ବାଘ ଆଡ଼କୁ ଗଲା, ବାଘ ତା' ଆଡ଼କୁ କମା ଚାହୁଁ ନ ଥାଏ । ସେ ନିଜ ଆଗ ପଟର ଡ଼ାହାଣ ପଞ୍ଝା ଉଠାଇ ପବନରେ ହଲାଉଥାଏ । ସତେ ଯେପରି, ତାଲିମଦାତା ତା' ପାଖରେ ନାହିଁ । ଲାଗୁଥାଏ ଯେପରି ସେ ତା' ଗୋଡରେ ଦେହରୁ ମାଛିଟିଏ ଅଡ଼ାଉଛି । ତାଲିମଦାତା ତା ଚାବୁକଟିକୁ ଖାଲିରେ ଚଟାକ୍ କରି ଶବ୍ଦ କଲା । ବାଘ ବି ବୋଲ ମାନିଲା ପରି ଉଠି ଠିଆ ହେଲା ଓ ଧୀରେ ଧୀରେ ତା' ଆଡ଼କୁ ଚାଲିଲା । ତାଲିମଦାତା ବୁଝିପାରିଲା ନାହିଁ ଯୋଜନାଟା କ'ଣ ! ବାଘ ଯେମିତି ତା' ପାଖରେ ପହଞ୍ଚିଗଲା, ସେ ଖୁବ୍ ଜୋରରେ ଡ଼ରିଗଲା । ସେ ଜୀବନ ବିକଳରେ ସେଠାରୁ ଦଉଡ଼ିବାରେ ଲାଗିଲା ।

Digitized by PPRACHIN, SOA

ତା' ଡ଼ରୁଆ ଦଉଡ଼ା ଦେଖି ସମସ୍ତଙ୍କ ଭିତରେ ଡ଼ର ଖେଳିଗଲା । ଦଉଡ଼ା ଦଉଡ଼ି ଆରମ୍ଭ ହୋଇଗଲା । ଭାଲୁ ତା ଦାନ୍ତ ଦେଖାଇ ତାଲିମଦାତାକୁ ଗୋଡ଼ାଉଥାଏ । ତାଲିମଦାତା ଦଉଡ଼ିଯାଇ ଗାଡ଼ି ଭିତରେ ପଶି ଭିତରୁ କବାଟ କିଳିଦେଲା । ପୂରା ସର୍କସ ଦଳଟିର ଅବସ୍ଥା ଏକା ପ୍ରକାରର ହେଲା ।

" ସମସ୍ତେ ଭିତରେ ରୁହ ; ଖବରଦାର୍ , ଯିଏ ବାହାରକୁ ଆସିବ । ତମର ହାଡ଼ ଚୂନା କରିଦେବି " । ଘାଉଁ ଘାଉଁ ହୋଇ ଭାଲୁ ଏହା କହିଲା । ଏଥର ସେ ବୀର ଚାଲିରେ ନିଜ ଦଳ ଆଡ଼କୁ ଫେରି ଆସିଲା ।

ଏଥର ସବୁ ପଶୁ ଜଙ୍ଗଲ ଆଡ଼କୁ ମୁହାଁଇ ଦଉଡ଼ିବାରେ ଲାଗିଲେ । ଖୁବ୍ ଶୀଘ୍ର ସେମାନେ ସେହି ଜାଗାଠାରୁ ଦୂରକୁ ଚାଲିଗଲେ । ଝିଲ୍ ମିଲ୍ ନଈ ବି ଦୂର ହୋଇଗଲା । ସବୁ ପଶୁ ଖୁସିରେ ଉଛୁଳି ପଡୁଥାନ୍ତି । ତାଙ୍କ ଛାତି ଖୁସିରେ ପଡୁଥାଏ, ଉଠୁଥାଏ । ସେମାନେ ଯେତେ ଆଗକୁ ଯାଉଥାନ୍ତି, ନିଜ ଭାଇ, ବନ୍ଧୁ, କୁଟୁମ୍ବଙ୍କ କଥା ସେତିକି ଚିନ୍ତା କରୁଥାନ୍ତି ।

Digitized by PPRACHIN, SOA

ହାତୀ ଭାବୁଥାଏ - ମୁଁ ଜଙ୍ଗଲରୁ ଯିବାର କେତେ ବର୍ଷ ବିତିଗଲାଣି । ଜଙ୍ଗଲରେ ଥିଲାବେଳେ ମୋ ଭାଇ ସାଙ୍ଗରେ ମୁଁ ବୁଲୁଥିଲି । କିଏ ଜାଣେ, ମୋ ଭାଇଟି କେଉଁଠି ଅଛି ?

ଭାଲୁର ତା' ମାଆ କଥା ମନେ ପଡୁଥାଏ । ସେ ଛୋଟ ଥିଲାବେଳେ ଜଣେ ଶିକାରୀ ତାକୁ ଉଠାଇ ନେଇଥିଲା । ସମସ୍ତେ ଖୁସି ହେଉଥାନ୍ତି ଯେ, ଏଥର ସେମାନେ ନିଜ ନିଜର ବନ୍ଧୁବାନ୍ଧବଙ୍କ ସହ ମିଶିପାରିବେ ।

ଜଙ୍ଗଲ ପାଖେଇ ଆସିଲା । ଚାଲୁ ଚାଲୁ ଭାଲୁ ଅଟକିଗଲା , " ସାଥିମାନେ ଗୋଟିଏ ଭୁଲ ହୋଇଗଲା । ସର୍କସରୁ ଢୋଲଟି ନେଇଆସିଥିଲେ ବଢ଼ିଆ ହୋଇଥାନ୍ତା । ତମେ ତ ଜାଣିଛ, ସର୍କସରେ ମୁଁ ଢୋଲ ବଜାଉଥିଲି । ଢୋଲଟା ଏବେ ମୋ ପାଖରେ ଥିଲେ, ଆମେ ଢୋଲ ବଜାଇ ବଜାଇ ଜଙ୍ଗଲରେ ପାଦ ଦେଇଥାନ୍ତେ । ବହୁତ ମଜା ହୋଇଥାନ୍ତା !

କଥାଟି ସମସ୍ତଙ୍କ ମନକୁ ପାଇଲା । କିନ୍ତୁ ଏବେ ଆଉ କ'ଣ କରିହେବ ? ବାଘ ଏଥର ସମସ୍ତଙ୍କୁ ଶୁଣାଇ କହିଲା, " ଜଙ୍ଗଲରେ ଆଉ କୌଣସି ବାଘ ନ ଥିବ, ଯିଏ ଜଳନ୍ତା ନିଆଁ ଘେରରୁ ଡେଇଁ ବାହାରିପାରିବ । ମୁଁ ହିଁ ଏପରି ଡେଇଁପାରିବି । ସବୁ ବାଘ ନିଆଁକୁ ଭୟ କରନ୍ତି । ଏଠାରେ ଯଦି ଏପରି ନିଆଁର ଘେର ଥାଆନ୍ତା, ତେବେ ମୁଁ ସେଥିରୁ ଡେଇଁ ବାହାରି ଯାଇ ପାରନ୍ତି । ଜଙ୍ଗଲର ସବୁ ବାଘ ମୋ ଡ଼ିଆଁ ଦେଖିଥାନ୍ତେ !"

ଏହା ଶୁଣି ଭାଲୁ ପୁଣି କହିଲା, " ଦେଖାଇବା ନିଶ୍ଚୟ । ମୁଁ ତ ନିଜ କସରତ୍ ଦେଖାଇ ଦେଖାଇ ଜଙ୍ଗଲରେ ପଶିବି । ଆଗ ଦୁଇ ଗୋଡ଼ ଉପରକୁ ଉଠାଇଦେବି । ଦୁଇ ଗୋଡ଼ରେ ଚାଲି ଚାଲି ଜଙ୍ଗଲରେ ସମସ୍ତଙ୍କୁ ଭେଟିବି ।"

ଏଥର ତାଙ୍କ ଭିତରେ ଯୋଜନା ଚାଲିଲା । ହାତୀ କହିଲା, " ଭାଲୁ ଯଦି ଦୁଇ ଗୋଡ଼ ଉଠାଇ ଜଙ୍ଗଲରେ ପଶିବ, ତେବେ ମୁଁ ବି ନାଚି ନାଚି ଯିବି । ମଝିରେ ମଝିରେ ମୁଁ ବି ଗୋଡ଼ ଉଠାଇବି । କେଉଁଠି କଟା କାଠ ଗଣ୍ଡିଟିଏ ଦେଖିଲେ ତା' ଉପରେ ଆଗ ଆଡ଼କୁ ରଖି ଉଠିଯିବି ।"

Digitized by PPRACHIN, SOA

ମାଙ୍କଡ଼ି ତ ସର୍କସର ଘାଘରା ଓ ଓଢ଼ଣି ପିନ୍ଧିଥାଏ । ସେ ଦେଖେଇ ହୋଇ କହିଲା, " ମୁଁ ତ ଭାଲୁ ପିଠିରେ ବସିକରି ହିଁ ଜଙ୍ଗଲରେ ପଶିବି ।"

ସବୁ ପଶୁ ବି ଏ କଥା ଭାବୁଥିଲେ । ସେମାନେ ତାଙ୍କର ଜଙ୍ଗଲ ସାଥିମାନଙ୍କୁ ଦେଖାଇବାକୁ ଚାହୁଁଥିଲେ ଯେ, ସେମାନେ ଏବେ ଆଉ ଆଗର ସାଧାରଣ ଜୀବଜନ୍ତୁ ନୁହଁନ୍ତି । ସେମାନେ ବହୁତ କିଛି ଶିଖିଛନ୍ତି । ଦୁନିଆଁ ସାରା ବୁଲି ବୁଲି କେତେ କ'ଣ ଦେଖି ଫେରିଛନ୍ତି ।

ରାତି ପାହି ଆସୁଥାଏ । ଏବେ ପଶୁମାନେ ଜଙ୍ଗଲ ଦୁଆରରେ ପହଞ୍ଚିଲେ । ଗଧ ନିଜ ଥୋମଣିକୁ ଆକାଶକୁ ଦେଖାଇ ଜୋରରେ ରଡ଼ିବାରେ ଲାଗିଲା । ସାତ ଥର ଉଁ...ହା, ଉଁ...ହା, ଉଁ...ହା କରି ଇଲାକା ମୁଖରିତ କରିଦେଲା । ଆଗରେ

Digitized by PPRACHIN, SOA

ହାତୀ ନାଚି ନାଚି ଚାଲିଲା । ତା ପଛରେ ବାଘ ବାରମ୍ବାର ଉପରକୁ ଡେଇଁଥାଏ । ଭାଲୁ ତା'ର ଆଗ ଦୁଇ ଗୋଡ଼କୁ ଟେକି ଦେଇ ପଛ ଗୋଡ଼ରେ ଚାଲୁଥାଏ । ଥରେ ବାଁକୁ ଥରେ ଡ଼ାହାଣକୁ ହଲି ହଲି ସେ କେତେ ଠାଣି ଦେଖାଉଥାଏ । ମାଙ୍କିଡ଼ି ଗୀତ ଗାଇ ଗାଇ କେତେବେଳେ ଯା' ପିଠିରେ ତ କେତେବେଳେ ତା' ପିଠିକୁ ଡ଼େଇଁ ପଡୁଥାଏ ।

ଗଧର ରଡ଼ି ଶୁଣି ଜଙ୍ଗଲର ସବୁ ବାସିନ୍ଦା ନିଦରୁ ଉଠିପଡ଼ିଲେ । ଏହା ପୁଣି କାହାର ସ୍ୱର ! ଏମିତି ସ୍ୱର ତ ଆଗରୁ ଆମେ କେବେ ଶୁଣିନାହେଁ । ଗଛ ଉପରୁ କୁନି କୁନି ଚଢ଼େଇମାନେ ବସାରୁ ମୁହଁ କାଢ଼ି ଚାହିଁଲେ । ଏମାନଙ୍କୁ ଦେଖି ଚିଁ – ଚିଁ କରିବାରେ ଲାଗିଲେ ।

ଗଧର ରଡ଼ି ଜଙ୍ଗଲରେ **ଅନେକ ଦୂରକୁ ଶୁ**ଭୁଥିଲା । ଅନେକ ପଶୁପକ୍ଷୀ ଏହା ଶୁଣି ପାରିଲେ । ସେମାନେ ନିଜ ନିଜ ଖୋପ, ଗାତ, ହୁଙ୍କା, ଗୁମ୍ଫା ଆଦିରୁ ବାହାରି ଆସିଲେ । ଶବ୍ଦକୁ ବାରି ବାରି ସେମାନେ ସେଆଡ଼କୁ ଚାଲିଲେ ।

ସେମାନେ ପହଞ୍ଚିଲା ବେଳକୁ ସର୍କସର ଶୋଭାଯାତ୍ରାକାରୀମାନେ ଜଙ୍ଗଲରେ ପଶି ସାରିଥିଲେ । ଗୋଟିଏ କଟା ଗଛ ଗୁଣ୍ଡି ଉପରେ ଚାରି ପାଦ ରଖି ହାତୀ ତା' ଉପରେ ଠିଆ ହୋଇଥାଏ । ସେ ଶୁଣ୍ଢ ଉଠାଇ ଜଙ୍ଗଲର ଚାରିଆଡୁ ଛୁଟି ଆସୁଥିବା ବାସିନ୍ଦାମାନଙ୍କୁ ଅଭିବାଦନ ଜଣାଉଥାଏ । ଦର୍ଶକଙ୍କ ସଂଖ୍ୟା ବଢ଼ି ଚାଲିଥାଏ । ଏହା ଭାଲୁକୁ ଖୁବ୍ ମଜା ଲାଗିଲା । ଏ ଯାଏଁ ସେ ଦୁଇଗୋଡ଼ ଟେକି ନାଚୁଥିଲା । ଏଥର ତା'ର ନାଚ ବନ୍ଦ ହୋଇଗଲା । ସେ ଭୂଇଁରେ ଲୋଟିଯାଇ ଏ କଡ଼ରୁ ସେ କଡ଼ ହୋଇ ଗଡ଼ିବାରେ ଲାଗିଲା ।

ଜଙ୍ଗଲର ବହୁତ ପଶୁପକ୍ଷୀ ଏକାଠି ହୋଇଗଲେ । ଏମାନଙ୍କୁ ଏକାଠି ଦେଖି ସେମାନେ କିଛି ବୁଝି ପାରୁ ନ ଥାନ୍ତି । କିନ୍ତୁ ତାଙ୍କୁ ଖୁବ୍ ଖୁସି ଓ ମଜା ଲାଗୁଥାଏ । ହାତୀର ସାନ ଭାଇ ସାଙ୍ଗେ ସାଙ୍ଗେ ତା'କୁ ଚିହ୍ନି ପକାଇଲା । ବାଘକୁ ବି ତା' ଭାଇ ଚିହ୍ନିଦେଲା । କିନ୍ତୁ ସେ ବୁଝି ପାରୁ ନ ଥିଲା ଯେ ତା' ଭାଇଟା ଏମିତି କାହିଁକି ହେଉଛି ! ଏହା ଦେଖି ବାଘର ଭାଇକୁ ଚିନ୍ତା ଲାଗିଲା । ତା' ଭାଇଟା ପାଗଳ ହୋଇ ଗଲା କି' ଆଉ ? ବାଘ କେବେ ଏମିତି ନାଚ, ଡ଼ିଆଁ ଆଦି କରେ ?

Digitized by PPRACHIN, SOA

ତେଣେ ହାତୀର ଭାଇ ବି ଚିନ୍ତା କରିବାରେ ଲାଗିଥାଏ । ମୋ ଭାଇ କାହିଁକି ତା' କାନ ଏତେ ଜୋରରେ ହଲାଉଛି ? କଟା କାଠ ଗଣ୍ଡିଟା ଉପରେ କାହିଁକି ବାରମ୍ବାର ଚଢ଼ି ଠିଆ ହେଉଛି ? ନିଜ ଶୁଣ୍ଢକୁ କାହିଁକି ବାରମ୍ବାର ଟେକୁଛି ? ପ୍ରଥମେ ତା' ଭାଇକୁ ଦେଖୁ ଦେଖୁ ହିଁ ତା ମନ ଭରି ଯାଇଥିଲା । କିନ୍ତୁ ହାୟ ! ସେ କେତେ ଦୁର୍ବଳ ହୋଇଯାଇଛି ! ତା' ଚମଡ଼ା ଶୁଖି କେମିତି ମୋଡ଼ି ମୋଡ଼ି ହୋଇଯାଇଛି । ମୁହଁ ସାରା ଲୁହଧାର ସବୁ ଶୁଖିଯାଇଛି । ସେ ଆଗରୁ ତ ଏପରି ନ ଥିଲା ....

ଏ ଯାଏଁ ଭାଲୁଟା ଖୁସି ନିଶାରେ ମାତିଥାଏ । ଭାଲୁର ମା' ପଶୁପକ୍ଷୀଙ୍କ ଗହଳରୁ ବାହାରିଲା । ସେ ଟହଲି ଟହଲି ତା ପୁଅ ପାଖକୁ ଆସିଲା । ଦେଖେ ଏଇଟା କିଏ ? ଇଏ ଏମିତି କାହିଁକି ମାତିଛି !

Digitized by PPRACHIN, SOA

ବୁଢ଼ୀ ମା' ପହଞ୍ଚିବା କଥା ଏଣେ ଭାଲୁକୁ ଜଣା ନ ଥାଏ । ହଠାତ୍ ସେ ଦୁଇଗୋଡ଼ରେ ଠିଆ ହୋଇଗଲା । ସେ ଜିଭକୁ ବାହାର କରି ହି...ହି.. କରି କୁଦିବାରେ ଲାଗିଲା ।

" ଇଏ ... ଇଏ ହିଁ ମୋ ପୁଅ । କିନ୍ତୁ ହାୟ ...ହାୟ ! ତା' ଅବସ୍ଥା କ'ଣ ଏମିତି ହୋଇଛି ? ନା... ନା... ମୋ ପୁଅ ଏମିତି ହୋଇପାରେ ନା'। ତମେମାନେ ତା'କୁ କ'ଣ ଏମିତି କରିଛ ? ତା' ଥୋମଣିଟା ଓହଳି ପଡ଼ିଛି । ତା'ର ଦାନ୍ତଗୁଡ଼ିକ କାହିଁ ? ବୋଧେ କିଏ ତା'ର ସବୁ ଦାନ୍ତ ଭାଙ୍ଗି ଦେଇଛି ! ଦେହସାରା ଧୂଳି ମଳି ବୋଳି ହୋଇ ରହିଛି ! ଇଏ ତ ମୋଠୁ ବି ବେଶୀ ବୁଢ଼ା ଦିଶୁଛି !"

ଭାଲୁ ଦେଖିଲା, ତା' ମାଆ ତା' ପାଖରେ ଠିଆ ହୋଇଛି । ସେ ଆହୁରି ଖୁସି ହୋଇଗଲା । ଆହୁରି ମସ୍ତ ହୋଇ ସେ ଜୋରରେ ନାଚିବାରେ ଲାଗିଲା । ସେ ମାଆକୁ ଦେଖାଇବାରେ ଲାଗିଲା - ଦେଖ ମାଆ, ମୁଁ କେତେ କ'ଣ ଶିଖି ଆସିଛି । ଏଣେ ମାଆ ଆଖିରୁ ଧାର ଧାର ଲୁହ ବୋହିଯାଉଥାଏ ।

ସର୍କସ ମଣ୍ଡଳୀ ବେଶ୍ ବେଳ ଯାଏଁ ନିଜ ନିଜର କସ୍‌ରତ୍ ଦେଖାଇବାରେ ଲାଗିଲେ । ବାଘ ଡେଇଁବାରେ ଲାଗିଥାଏ । ଭାଲୁ ଭୂଇଁରେ ଗଡୁଥାଏ । ହାତୀ ନାଚୁଥାଏ ଓ ଶୁଣ୍ଢ ଟେକି ବାରମ୍ବାର ସଲାମ କରୁଥାଏ । ଗଧଟା ଥରକୁ ଥର ଗୋଇଠା ମାରୁଥାଏ । ଚାରିପାଖରେ ଜମିଥିବା ତାଙ୍କର ବନ୍ଧୁବାନ୍ଧବମାନେ ତାଟକା ହୋଇ ଅନାଇଥାନ୍ତି । ଏମାନଙ୍କର କ'ଣ ହୋଇଛି ?

ଶେଷକୁ ଗଧ ପୁଣି ଥରେ ଆକାଶ ଆଡ଼କୁ ତା' ଥୋମଣିଟା ଉଠାଇଲା । ଉଁ...ହା, ଉଁ..ହା, ରଡ଼ି କରି ସାରା ଜଙ୍ଗଲଟାକୁ କମ୍ପାଇ ଦେଲା । ସର୍କସ ମଣ୍ଡଳୀର ସବୁ ସଭ୍ୟ ବୁଝିଗଲେ ଯେ ଆଜିର ଖେଳ ଏତିକିରେ ସରିଲା । ତେଣୁ ଗଧ ତା ବିଗୁଲ ବଜାଇଲା । କସରତ୍ ଦେଖାଇ ଦେଖାଇ ସମସ୍ତେ ପୂରା ଥକି ଯାଇଥିଲେ ।

ଏଥର ସମସ୍ତେ ସିଧା ଠିଆ ହୋଇଗଲେ । ନିଜ ନିଜ ଢ଼ଙ୍ଗରେ ସବୁ ଦର୍ଶକଙ୍କୁ ଅଭିବାଦନ ଜଣାଇଲେ । ସମସ୍ତେ ଆଗ ଗୋଡ଼ ଉପରକୁ ଟେକି ଠିଆ ହୋଇଥିଲେ । ହାତୀ ତା ଶୁଣ୍ଢକୁ ବାରମ୍ବାର ଉପରକୁ ଟେକି ହଲାଉଥିଲା ।

Digitized by PPRACHIN, SOA

କିନ୍ତୁ କାହିଁ ଜଣେ ବି ତ ତାଳି ମାରିଲେ ନାହିଁ । ଜଣେ ବି ତାଙ୍କ ପାଖକୁ ଆସିଲେ ନାହିଁ । କେହି ବି ତାଙ୍କ ଅଭିବାଦନର ଉତ୍ତର ଦେଲେ ନାହିଁ । ସର୍କସର ଜୀବଜନ୍ତୁଙ୍କ ମୁହଁ ଶୁଖିଗଲା ।

ମାଙ୍କଡ଼ି ନାକ ଟେକି ମୁହଁ ମୋଡ଼ି କହିଲା, " ଯେତେ ହେଲେ ବି ତ ଏମାନେ ଜଙ୍ଗଲୀ ପଶୁ ନା ! ଏମାନେ କୁଆଡୁ ବୁଝିବେ ସର୍କସର ଅଜବ କାଇଦା ?"

ଏହାଶୁଣି ଭାଲୁ ଧୀରେ କହିଲା, " ଆମେ ତ ଏବେ ଫେରି ଆସିଛେ । ଧୀରେ ଧୀରେ ସମସ୍ତଙ୍କୁ ଅଜବ କାଇଦା ସବୁ ଶିଖାଇଦେବା । ତାଙ୍କର ବା ଦୋଷ କେଉଁଠି ? ସେମାନେ ଜଙ୍ଗଲରେ ହିଁ ବଢ଼ିଛନ୍ତି । ଯାହା ହେଲେ ବି ସେମାନେ ଜଙ୍ଗଲୀ ତ !"

ଗଧ କହିଲା, " ଚାଲ, ଆମେ ଫେରିଯିବା । ମତେ ଏଠାରେ ଭଲ ଲାଗିବ ନାହିଁ ।"

Digitized by PPRACHIN, SOA



“ ଫେରକି କୁଆଡ଼େ ଯିବ ?” ନିଜର ବଡ଼ ମୁଣ୍ଡଟାକୁ ହଲାଇ ହଲାଇ ହାତୀ କହିଲା, “ ତାଲିମଦାତାଠୁଁ ପୁଣି ଚାବୁକ୍ ମାଡ଼ ଖାଇବାକୁ ମନ ହେଉଛି କି ? ”

“ ନା... ନା... କେବେ ନୁହେଁ !” ସବୁ ପଶୁ ଏକ ସାଥିରେ କହିଲେ ସମସ୍ତଙ୍କ ଆଖି ଆଗରେ ଚାବୁକ ଧରିଥିବା ତାଲିମଦାତାର ଛବିଟା ନାଚିଗଲା ।

ତେଣେ ଜଙ୍ଗଲର ପଶୁପକ୍ଷୀମାନେ ଆଉ ଏକ ଗୋଠରେ ଠିଆ ହୋଇଥାଆନ୍ତି । ସେମାନେ ସର୍କସରୁ ଫେରିଥିବା ନିଜ ସାଥି ବନ୍ଧୁଙ୍କୁ ନିରେଖି ଦେଖୁଥାଆନ୍ତି । ଏମିତିକା ଉଦଣ୍ଡିଆ କାରବାର ସବୁ ସେମାନେ କାହାଠୁ ଶିଖି ଆସିଛନ୍ତି ? କେମିତି ଅଦ୍‌ଭୁତ ଭାବରେ ଉଠାବସା, ଡ଼ିଆଁକୁଦା କରୁଛନ୍ତି ଏମାନେ !

Digitized by PPRACHIN, SOA

ଏମାନେ ଯଦି ଏସବୁ କରିବାକୁ ଚାହୁଁଥିଲେ, ତେବେ ଏଠାକୁ କାହିଁକି ଆସିଲେ ? ଏମାନେ ଆଉ ପାଗଳ ହୋଇ ଯାଇ ନାହାନ୍ତି ତ ?

ଏମିତି ବିଚାର ସବୁ ଚାଲିଥାଏ । ଭାଲୁର ମାଆ ଆଉ ଚୁପ୍ ହୋଇ ରହି ପାରିଲା ନାହିଁ । ସେ ଏଥର ଭିଡ଼ ଭିତରୁ ବାହାରି ଆସିଲା । କାହାକୁ କିଛି ନ କହି ସେ ତା ପୁଅ ପାଖକୁ ଧାଇଁଗଲା । ଖୁସିରେ ତା ଆଖିରୁ ଏ ଯାଏଁ ଲୁହ ଶୁଖି ନ ଥାଏ ।

ତାକୁ ପୁଅ ପାଖକୁ ଯିବା ଦେଖି ବାଘ କି ଆଉ ଚୁପ୍ ରହେ ? ସେ ଏକ ଲମ୍ଫ ଡ଼ିଆଁ ମାରି ନିଜର ସର୍କସ ଫେରନ୍ତା ଭାଇ ପାଖରେ ହାଜର ହୋଇଗଲା । ତେଣେ ହାତୀ ବି ନିଜ ଭାଇକୁ ଭେଟିବା ପାଇଁ ବଡ଼ ବଡ଼ ପାହୁଣ୍ଡ ପକାଇ ଛୁଟିଲା ।

ଆଉ କ'ଣ ବା କହିବା ? କ୍ଷଣକ ଭିତରେ ସବୁ ପଶୁ ତାଙ୍କ ହଜିଲା ଭାଇ ବନ୍ଧୁଙ୍କ ପାଖରେ ପହଞ୍ଚି ଯାଇଥିଲେ । ତାଙ୍କର ଏହି ମିଳନ ଉତ୍ସବ କେତେବେଳେ ସରିଲା କିଏ ଜାଣେ ?

●●●

Digitized by PPRACHIN, SOA